# Akashvani, Sambalpur

## SAMBALPURI NEWS EVENING BULLETIN

**12 April 2025- 7.02 pm- 7.12 pm.**

**********************************************

୧- ଭୁବ୍‌ନେଶ୍ୱର୍ ଏମ୍ସ ନ କେନ୍ଦ୍ରୀୟ ଗବେଷଣା ପ୍ରୟୋଗ୍‌ଶାଲାକେ ଉଦ୍‌ଘାଟନ୍ କଲେ କେନ୍ଦ୍ର ସ୍ୱାସ୍ଥ୍ୟମନ୍ତ୍ରୀ ଜେ.ପି. ନଡ୍ଡା ।

୨- ପୁରୀ ନ ଚାଲିଥିବା ସାଂସଦ୍ ଆଉ ବିଧାୟକ୍ ପ୍ରଶିକ୍ଷଣ୍ ଶିବିର୍‌ଥି ୧୪ ଟା ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ଉପ୍‌ରେ ହେଇଛେ ଆଲୋଚନା ।

୩- ସୁସ୍ଥ ସମାଜ୍ ଗଠନ୍ ଦିଗେ ଓଡ଼ିଆ ବରପୁତ୍ରମାନ୍‌କୁ ସୁର୍‌ତା କର୍‌ବାର୍ ଲାଗି ଆଏଜ୍ ପାଳନ୍ କରାଯାଇଛେ- ‘ବନ୍ଦନୀୟ ବରପୁତ୍ର ଦିବସ୍’ ।

ଆଉର୍

୪- କାଲ୍‌ବୈଶାଖୀର୍ ପ୍ରଭାବ୍‌ଥି ରାଜ୍ୟର୍ ଭିନ୍ ଭିନ୍ ଜାଗା ନ ଧୁକାଗର୍ଜି ସାଙ୍ଗେ ହେଇଛେ ବର୍ଷା ।

ସ୍ୱାସ୍ଥ୍ୟମନ୍ତ୍ରୀ- ଏମ୍ସ         ଭୁବ୍‌ନେଶ୍ୱର୍ ସମ୍ବାଦଦାତା

କେନ୍ଦ୍ର ସ୍ୱାସ୍ଥ୍ୟ ଆଉ ପରିବାର୍ କଲ୍ୟାଣ୍‌ମନ୍ତ୍ରୀ ଜଗତ୍ ପ୍ରକାଶ୍ ନଡ୍ଡା ଆଏଜ୍ ଭୁବ୍‌ନେଶ୍ୱର୍ ଏମ୍ସ ପରିଦର୍ଶନ୍ କରିକରି କେନ୍ଦ୍ରୀୟ ଗବେଷଣା ପ୍ରୟୋଗ୍‌ଶାଲାକେ ଉଦ୍‌ଘାଟନ୍ କରିଛନ୍ । ଇ ଅବ୍‌ସରେ ଏମ୍ସ ଭୁବ୍‌ନେଶ୍ୱର୍ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ୍ ଡକ୍ଟର୍ ଆଶୁତୋଷ୍ ବିଶ୍ୱାସ କହିଛନ୍, କେନ୍ଦ୍ରୀୟ ଗବେଷଣା ପ୍ରୟୋଗ୍‌ଶାଲାର ଉଦ୍‌ଘାଟନ୍, ଏମ୍ସ ଭୁବ୍‌ନେଶ୍ୱର୍‌ର ଗବେଷଣା କ୍ଷମତାକେ ଗୁଟେ ନୂଆଁ ଦିଗ୍‌କେ ନେବା । ଅତ୍ୟାଧୁନିକ୍ ପ୍ରୟୋଗ୍‌ଶାଲାଥି ଡାକ୍ତର୍ ଗବେଷକ ଛାତ୍ରଛାତ୍ରୀମାନ୍‌କୁ ନୂଆଁ ସ୍ୱାସ୍ଥ୍ୟସେବାର୍ ସମାଧାନ୍, ବିକାଶ ଆଉ ଚିକିତ୍ସା କ୍ଷେତ୍ରକେ ବର୍‌କସ୍ କର୍‌ବା ବଲି ଶ୍ରୀ ବିଶ୍ୱାସ କହିଛନ୍ । କେନ୍ଦ୍ର ସ୍ୱାସ୍ଥ୍ୟମନ୍ତ୍ରୀଙ୍କର୍ ଗସ୍ତ ସମିଆଥି ଆଏଜ୍ ବହୁମୁଖୀ (ଗେଷ୍ଟ୍ରୋନୋମି ) ବ୍ଲକ୍‌ର ନିହିପଖନ୍ ଥାପ୍‌ନା କରିଛନ୍ । ଗୁଟେ ଠାନେ ସବୁ ପ୍ରକାରର୍ ରୋଗୀସେବା ଯୁଗେଇ ଦେବାର୍ ଲାଗି ଏମ୍ସ କର୍ତ୍ତୃପକ୍ଷ ବିଚାର୍ କରୁଛନ୍ ବଲି ଶ୍ରୀ ନଡ୍ଡା କହିଛନ୍ । ଇ ଅବ୍‌ସରେ ଭୁବ୍‌ନେଶ୍ୱର୍ ଏମ୍ସର ନୂଆଁ ୱେବ୍‌ସାଇଟ୍‌କେ ଭିଲ୍ ମନ୍ତ୍ରୀ ଶ୍ରୀ ନଡ୍ଡା ଉନ୍ମୋଚନ୍ କରିଛନ୍ । ଇ ୱେବ୍‌ସାଇଟ୍ ଜରିଏ ଲୋକ୍‌ମାନେ ଅତି ସହଜ୍‌ଥି ସ୍ୱାସ୍ଥ୍ୟ ସେବା ବାବଦ୍ ସୂଚ୍‌ନା ପାଇପାର୍‌ବେ ।

କେନ୍ଦ୍ର ସ୍ୱାସ୍ଥ୍ୟମନ୍ତ୍ରୀ ଶ୍ରୀ ନଡ୍ଡା ଇଏଚ୍ଏସ୍ କ୍ଲିନିକ୍ ଆଉ ଅମୃତ୍ ଫାର୍ମାସୀକେ ଭିଲ୍ ଉଦ୍ଘାଟନ୍ କରିଛନ୍ ।

ସାଂସଦ୍, ବିଧାୟକ୍ ପ୍ରଶିକ୍ଷଣ୍ ଭୁବ୍ନେଶ୍ୱର୍ ସମ୍ବାଦଦାତା

ଡାକ୍ତର୍ଖାନା, ଅଙ୍ଗନବାଡ଼ି କେନ୍ଦ୍ର ଆଉ ତଲ୍ସ୍ତର୍କେ ଯାଇକରି ଲୋକ୍ମାନ୍କର୍ ସହେତେ ମିଶିକରି ସେମାନ୍କର୍ ସମସ୍ୟାର୍ ସମାଧାନ୍ କର୍ବାର୍ ଲାଗି ବିଧାୟକ୍, ମନ୍ତ୍ରୀ ଆଉ ସାଂସଦ୍ମାନ୍କୁ ବିଜେପି ରାଷ୍ଟ୍ରୀୟ ଅଧ୍ୟକ୍ଷ ଜେ.ପି. ନଡ୍ଡା ପରାମର୍ଶ ଦେଇଛନ୍ । ପୁରୀ ନ ମୁଲ୍ ହେଇଥିବା ସାଂସଦ୍ ଆଉ ବିଧାୟକ୍ମାନ୍କର୍ ୩ ଦିନିଆ ପ୍ରଶିକ୍ଷଣ୍ ଶିବିର୍କେ ଉଦ୍ଘାଟନ୍ କରିକରି ଶ୍ରୀ ନଡ୍ଡା ୧୪ ଟା ଜରୁରୀ ପ୍ରସଙ୍ଗ ବାବ୍ଦେ ଆଲୋଚନା କରିଛନ୍ । ତଲ୍ସ୍ତର୍ଥି ଦଲ୍ ଆର୍ ସର୍କାର୍ଙ୍କର୍ ଭିତ୍ରେ ଠିକ୍ ସମନ୍ୱୟ, ସର୍କାର୍ଙ୍କର୍ ଯୋଜ୍ନାମାନ୍କୁ ଲୋକାଭିମୁଖୀ କର୍ବାର୍ ବାବ୍ଦେ ଶିବିର୍ଥି ପ୍ରଶିକ୍ଷଣ୍ ଦିଆଯାଇଛେ । ଆଝିରର୍ କାର୍ଯ୍ୟକ୍ରମ୍ଥି ୨୦ ଝନ୍ ଲୋକ୍ସଭା ସାଂସଦ୍ , ୭୮ ଝନ୍ ବିଜେପି ବିଧାୟକ୍ଙ୍କର୍ ସହେତେ ୩ ଝନ୍ ବିଜେପି ସମର୍ଥିତ୍ ସ୍ୱାଧୀନ୍ ବିଧାୟକ୍ ଭାଗ୍ ନେଇଥିଲେ । ଆଏବା ସୋମ୍ବାର୍ ଦିନ ଶ୍ରୀ

ନଡ୍ଡା ଦଲୀୟ କର୍ମୀମାନ୍‌କର୍ ସହେତେ ଆଲୋଚନା କର୍‌ବାର୍ କାର୍ଯ୍ୟସୂଚୀ ରହିଛେ ।

ପଂଚାୟତ୍-ଉପ ନିର୍ବାଚନ ଆର୍‌ଏନ୍‌ୟୁ/ ସମ୍ବଲପୁର

ରାଜ୍ୟର୍ ପଂଚାୟତ୍‌ସ୍ତର୍ ନ ଖାଲି ପଡ଼ିଥିବା ୧ ହଜାର୍ ଶହେ ୩୪ ଟା ପଦ୍‌ବୀ ପୂରଣ୍ ଲାଗି ଉପ ନିର୍ବାଚନ୍ କର୍‌ବାର୍‌କେ ରାଜ୍ୟ ନିର୍ବାଚନ୍ କମିଶନର୍‌ଙ୍କର୍ ତର୍‌ଫୁ ପ୍ରକ୍ରିୟା ମୁଲ୍ ହେଇଛେ । ୫ ଟା ଜିଲ୍ଲା ପରିଷଦ୍ ସଭ୍ୟ, ୪୧ ଟା ପଂଚାୟତ୍ ସମିତି ସଦସ୍ୟ, ୪୫ ଟା ସର୍‌ପଂଚ୍, ୨ ଶହ ୭୨ ଟା ୱାର୍ଡ଼ମେମ୍ବର ପଦ୍ ଲାଗି ଉପ ନିର୍ବାଚନ୍ ହେବା । ୭ ଶହ ୭୧ ଟା ୱାର୍ଡ଼ଥି ନୂଆଁକରି ନିର୍ବାଚନ୍ ହେବା । ଆଏବା ୨୪ ତାରିଖ୍ ଦିନ ଗ୍ରାମ୍ ପଂଚାୟତ୍ ମୁଖ୍ୟାଲୟ ନ ୱାର୍ଡ଼ ୱାରି ପ୍ରାଥମିକ ଭୋଟ୍‌ର ତାଲିକା ବାହାରିବା ଆଉ ଆଏବା ୩୦ ତାରିଖ୍‌ତକ୍ ଅଭିଯୋଗ୍ ଗ୍ରହଣ୍ କରାଯିବା । ମେ ମାସ ୨ ନୁ ୫ ତାରିଖ୍ ଭିତ୍‌ରେ ଅଭିଯୋଗ ମାନ୍‌କର୍ ବିଚାର୍ କରିକରି ଉପଯୁକ୍ତ ପଦକ୍ଷେପ୍ ନିଆଯିବା । ନିର୍ବାଚନ୍ ଅଧିକାରୀମାନେ ମେ ୭ ତାରିଖ୍ ଦିନ ସଂଶୋଧିତ୍ ଭୋଟର୍ ତାଲିକା ରାଜ୍ୟ ନିର୍ବାଚନ୍ ଆୟୋଗକେ ପଠାବେ ।

ପ୍ରବନ୍ଧ ପୋର୍ଟାଲ୍-ଛାତ୍ରଛାତ୍ରୀ ରିପୋର୍ଟ ଆର୍ଏନ୍ୟୁ/ ସମ୍ବଲପୁର

ଅଧାନୁ ପାଠ୍ ଛାଡ଼ିଥିବା କି ମୁଲ୍ହେ ସ୍କୁଲ୍ ନାଇଁ ଯାଇଥିବା ଛୁଆମାନ୍କୁ ଚିହ୍ନଟ୍ କର୍ବାର୍ ଲାଗି ରାଜ୍ୟ ସର୍କାର୍ ସଚେତନତା ଅଭିଯାନ୍ ମୁଲ୍ କରିଛନ୍ । ନୂଆଁ ଶିକ୍ଷା ବଛ୍ରେ ୬ ନୁ ୧୪ ବଛର୍ ଭିତ୍ରେ ସବୁ ଛୁଆକୁ ଚିହ୍ନଟ୍ କରାଯାଇକରି ଇ ମାସେ ସର୍କାର୍ଙ୍କର୍ ତର୍ଫୁ ଖାସ୍ ନାଁ ଲେଖା ଅଭିଯାନ୍ କର୍ବାର୍ ଲାଗି ସବୁ ରାଜ୍ୟ ଆଉ କେନ୍ଦ୍ରଶାସିତ୍ ଅଂଚଲ୍ ମାନ୍କୁ କୁହାଯାଇଛେ । ଯେନ୍ ଛୁଆମାନେ ନାଁ ନାଇଁ ଲେଖେଇ ସେମାନ୍କୁ ଚିହ୍ନଟ୍ କରିକରି ଗୁଟେ ରିପୋର୍ଟ ଦେବାର୍କେ ଓଡ଼ିଶା ବିଦ୍ୟାଳୟ ଶିକ୍ଷା କାର୍ଯ୍ୟକ୍ରମ୍ ପ୍ରାଧିକରଣ୍- ଓସେପା ତର୍ଫୁ ସବୁ ଜିଲ୍ଲାପାଲ୍ମାନ୍କୁ ନିର୍ଦ୍ଦେଶ୍ ଦିଆଯାଇଛେ । ଜରୁରୀକାଲୀନ୍ ଭିତିଥି କେନ୍ଦ୍ର ସର୍କାର୍ଙ୍କର୍ ପ୍ରବନ୍ଧ ପୋର୍ଟାଲ୍ଥି ଇସବୁ ତଥ୍ୟକେ ଦାଖଲ୍ କର୍ବାର୍ ଲାଗି କୁହାଯାଇଛେ । ଦର୍କାର୍ ହେଲେ ଛୁଆକୁ ୩, ୬ କି ୧୨ ମାସ୍ ସମିଆର୍ ତାଲିମ୍ ଦିଆଯିବା ଆର୍ ତାର୍ ଉତ୍ରୁ ସେମାନ୍କୁ ମୁଖ୍ୟସ୍ରୋତଥି ସାମିଲ୍ କରାଯିବା ।

ମେଟ୍ରିକ୍ ପରୀକ୍ଷା -ଏଡ଼ମିଟ୍ କାର୍ଡ ସଂଶୋଧନ/ଆର୍‌ଏନ୍‌ୟୁ ସମ୍ବଲପୁର

ଓଡ଼ିଶା ମାଧ୍ୟମିକ ଶିକ୍ଷା ପରିଷଦ୍ ତର୍‌ଫୁ ମେଟ୍ରିକ୍ ସାର୍ଟିଫିକେଟ୍‌କେ ନିର୍ଭୁଲ୍ କର୍‌ବାର୍ ଲାଗି ପଦକ୍ଷେପ୍ ନିଆଯାଉଛେ । ଇତାର୍ ସହେତେ ଇ ବଛର୍ ମେଟ୍ରିକ୍ ପରୀକ୍ଷା ଦେଇଥିବା ଛାତ୍ରଛାତ୍ରୀମାନ୍‌କର୍ ଏଡ଼ମିଟ୍ କାର୍ଡ଼ଥି ଯଦି କେନ୍‌ସି ଭୁଲ୍ ଥିବା ତାକେ ବଦ୍‌ଲା ଯାଇପାର୍‌ବା ବଲି ବୋର୍ଡ଼ ତର୍‌ଫୁ କୁହାଯାଇଛେ । ଆଏବା ୧୭ ତାରିଖ୍‌ନୁ ୨୫ ତାରିଖ୍ ଭିତ୍‌ରେ ସ୍କୁଲ୍ କର୍ତୃପକ୍ଷ ମାନେ ଛାତ୍ରଛାତ୍ରୀମାନ୍‌କର୍ ଏଡ଼ମିଟ୍‌କାର୍ଡ଼ଥି ସଂଶୋଧନ୍ ବାବ୍‌ଦେ ରିପୋର୍ଟ ଦେବାର୍ ଲାଗି ବୋର୍ଡ଼ ତର୍‌ଫୁ ବାହାରିଥିବା ଗୁଟେ ବିଜ୍ଞପ୍ତିଥି କୁହାଯାଇଛେ ।

ଓଡ଼ିଆ ପକ୍ଷ-ବନ୍ଦନୀୟ ବରପୁତ୍ର ଆର୍‌ଏନ୍‌ୟୁ/ ସମ୍ବଲପୁର/ ସୁବର୍ଣ୍ଣପୁର/ କଲାହାଣ୍ଡି/ ଦେବ୍‌ଗଡ଼୍/ ନୂଆପଡ଼ା/ ବର୍ ଗଡ଼୍/ ବୌଦ୍ଧ

ରାଜ୍ୟ ସର୍‌କାର୍ ଓଡ଼ିଶା ଦିବସ୍ ପାଲନ୍ ଦିନୁ ଓଡ଼ିଆ ପକ୍ଷ ପାଲନ୍ କରୁଛନ୍ । ଓଡ଼ିଶାର୍ ସ୍ୱାଭିମାନ୍, ଗୌରବ୍, ପରିଚୟ,

କଲା, ସଂସ୍କୃତିକେ ନେଇକରି ଆଏବା ୧୪ ତାରିଖ୍‌ତକ୍ ଫେ'ଦିନ ଗୁଟେ ଖାସ୍ ଢଙ୍ଗେ ଇତାକେ ପାଲନ୍ କରାଯାଉଛେ ।

ଓଡ଼ିଆ ପକ୍ଷ ପାଲନ୍‌ର ୧୨ ନମ୍ବର୍ ଦିନେ ଆଏଜ୍ 'ବନ୍ଦନୀୟ ବରପୁତ୍ର' କାର୍ଯ୍ୟକ୍ରମ୍ କରାଯାଉଛେ । 'ପୁଣ୍ୟ ଏ ମାଟିର ଯଶସ୍ୱୀ ସନ୍ତାନ- ଦେଶ କରେ ଆଜି ତାଙ୍କ ଜୟଗାନ' ବାର୍ତା ନେଇକରି ଜିଲ୍ଲାସ୍ତରୀୟ ଆଉ ବ୍ଲକସ୍ତରୀୟ କାର୍ଯ୍ୟକ୍ରମ୍ ମାନ୍ ଆୟୋଜନ୍ କରାଯାଉଛେ ବଲି ଓଡ଼ିଆ ଭାଷା, ସାହିତ୍ୟ ଆଉ ସଂସ୍କୃତି ବିଭାଗ୍ ତର୍‌ଫୁ କୁହାଯାଇଛେ । ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ୍ ଗଠନ୍‌ର ନେତୃତ୍ୱ ନେଇଥିବା ଆଉ ବିପଦ୍ ବେଲ୍‌କେ ମହାନ୍ କାମ୍ କରିକରି ଓଡ଼ିଆମାନ୍‌କୁ ରକ୍ଷା କରିଥିବା ବରପୁତ୍ରମାନ୍‌କୁ ସୁର୍‌ତା କର୍‌ବାର୍ ସହେତେ ସେମାନ୍‌କର୍ ଦେଖେଇଥିବା ବାଟ୍‌କେ ଅନୁସରଣ୍ କରିକରି ସୁସ୍ଥ ସମାଜ୍ ଗଠନ୍ ଦିଗେ ନିଜ୍‌କେ ନିୟୋଜିତ୍ କର୍‌ବାର୍ ଲାଗି ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ଆହ୍ୱାନ୍ ଦେଇଛନ୍ ।

ସୁବର୍ଣ୍ଣପୁର୍ ଜିଲ୍ଲା ସଂସ୍କୃତି ଭବନ୍ ଗ୍ରନ୍ଥାଳୟ ନ ବନ୍ଦନୀୟ ବରପୁତ୍ର କାର୍ଯ୍ୟକ୍ରମ୍ ହେଇଯାଇଛେ । ଇ ଅବ୍‌ସରେ ହେଇଥିବା ଗୁଟେ ଆଲୋଚନାଚକ୍ରଥି ସନ୍ଥକବି ଭୀମଭୋଇ, ସାରସ୍ୱତ ସାଧକ ଚନ୍ଦ୍ରମଣି ଦାସ୍‌ଙ୍କର୍ ସହେତେ ବହୁତ୍ ବରପୁତ୍ର ମାନ୍‌କର୍ ବାବ୍‌ଦେ ଅତିଥିମାନେ ଆଲୋଚନା କରିଛନ୍ ।

ବୌଦ୍ଧ ଜିଲ୍ଲା ସଂଗ୍ରହାଳୟ ଠାନେ ହେଇଥିବା କାର୍ଯ୍ୟକ୍ରମ୍‌ଥି ଜିଲ୍ଲାପାଲ୍ ସୁବ୍ରତ୍ କୁମାର୍ ପଣ୍ଡା ଯୋଗ୍ ଦେଇକରି ଜିଲ୍ଲାର୍ ଉନ୍ନତିଥି ସହଯୋଗ୍ କରିଥିବା ମହାନ୍ ବ୍ୟକ୍ତିତ୍ୱ, ଗଡ଼ଜାତ୍ ଆନ୍ଦୋଲନ୍‌ର ସିପାହୀ ଆଉ ବରପୁତ୍ରମାନ୍‌କୁ ଶ୍ରଦ୍ଧାଞ୍ଜଳି ଜନେଇଛନ୍ ।

କଲାହାଣ୍ଡି ଜିଲ୍ଲାପାଲ୍‌ଙ୍କର୍ ସମ୍ମିଲନୀ କକ୍ଷ ନ ଓଡ଼ିଶାର୍ ବରପୁତ୍ରମାନ୍‌କର୍ ଉପ୍‌ରେ ଗୁଟେ ଆଲୋଚନା ଚକ୍ର ହେଇଯାଇଛେ । କାର୍ଯ୍ୟକ୍ରମ୍‌ଥି ମା ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟର୍ ଭାରପ୍ରାପ୍ତ କୁଳପତି ଡକ୍ଟର୍ ନିବେଦିତା ନାଥ ମୁଖ୍ୟଅତିଥି ଭାବେ ଯୋଗ୍ ଦେଇକରି ଓଡ଼ିଆ ପକ୍ଷ ପାଳନ୍‌ର ତାତ୍ପର୍ଯ୍ୟ ବାବ୍‌ଦେ କହେବାର୍ ସହେତେ ଏନ୍ତା କାର୍ଯ୍ୟକ୍ରମ୍ ମାନ୍ ଆୟୋଜନ୍ ହେଲେ ଛାତ୍ରଛାତ୍ରୀମାନ୍‌କର୍ ଭିତ୍‌ରେ ବରପୁତ୍ର ମାନ୍‌କୁ ନେଇକରି ଶ୍ରଦ୍ଧା ଆଉ ଭକ୍ତ ଭାବ୍‌ନା ଆସ୍‌ବା ବଲି ମତ ଦେଇଛନ୍ ।

ଦେବ୍‌ଗଡ଼୍ ଜିଲ୍ଲା ପରିଷଦ୍ ସମ୍ମିଲନୀ କକ୍ଷ ନ ଓଡ଼ିଶାର୍ ବରପୁତ୍ରମାନ୍‌କୁ ସୋର୍ ପକାବାର୍ ଉଦ୍ଦେଶ୍ୟଥି ଗୁଟେ ଆଲୋଚନାଚକ୍ର ହେଇଯାଇଛେ । ଜିଲ୍ଲାପାଲ୍ କବୀନ୍ଦ୍ର କୁମାର୍ ସାହୁ ମୁଖ୍ୟଅତିଥି ଭାବେ ଯୋଗ୍ ଦେଇକରି ଓଡ଼ିଆ ଭାଷା ଗଠନ୍‌ଥି ଓଡ଼ିଶାର୍ ବରପୁତ୍ରମାନ୍‌କର୍ ଭୂମିକା ବାବ୍‌ଦେ ଆଲୋଚନା କରିଥିଲେ ।

ବର୍‌ଗଡ୍ ଜିଲ୍ଲାନ ଓଡ଼ିଆ ପକ୍ଷ ପାଲନ୍ ଅବ୍‌ସରେ ସ୍ଥାନୀୟ ପି.ଏମ୍.ଶ୍ରୀ ବାଳିକା ଉଚ୍ଚବିଦ୍ୟାଳୟ ନ ଓଡ଼ିଶା ସାହିତ୍ୟ ଏକାଡେମୀ ଆଉ ଜିଲ୍ଲା ପ୍ରଶାସନ୍ ତର୍‌ଫୁ ଓଡ଼ିଶାର୍ ବରପୁତ୍ରମାନ୍‌କର୍ ଉପ୍‌ରେ ଗୁଟେ ଆଲୋଚନାଚକ୍ର ଆର୍ ବିଦ୍ୟାଳୟ ଆଉ ମହାବିଦ୍ୟାଳୟର୍ ଛାତ୍ରଛାତ୍ରୀମାନକର୍ ଭିତ୍‌ରେ ପ୍ରତିଯୋଗିତା ହେଇଯାଇଛେ ।

ନୂଆପଡ଼ା ଜିଲ୍ଲାର୍ ସଦର୍ ମହକୁମା ନେସ୍‌ନାଲ୍ କଲେଜ୍ ପରିସର୍ ନ ବରପୁତ୍ର ବନ୍ଦନ୍ କାର୍ଯ୍ୟକ୍ରମ୍‌ଥି ଗୁଟେ ଆଲୋଚନାଚକ୍ର ହେଇଯାଇଛେ । ଓଡ଼ିଆ ଭାଷା, ସଂସ୍କୃତି, ସାହିତ୍ୟ ବିଭାଗ୍ ତର୍‌ଫୁ ହେଇଥିବା ଆଲୋଚନାଚକ୍ରଥି ୧୦ ଝନ୍ ଆଲୋଚକ ନିଜର୍ ଗବେଷଣାତ୍ମକ ବିଷୟବସ୍ତୁ ରଖିଥିଲେ । କାର୍ଯ୍ୟକ୍ରମ୍‌ଥି ଜିଲ୍ଲାପାଲ୍ ମଧୁସୂଦନ୍ ଦାସ ମୁଖ୍ୟଅତିଥି ଭାବେ ଯୋଗ୍ ଦେଇଥିଲେ ।

ଅବକାରୀ ବିଭାଗ୍ ଆୟୁକ୍ତ ସୁବର୍ଣ୍ଣପୁର୍ ସମ୍ବାଦଦାତା

ରାଜ୍ୟ ହସ୍ତତନ୍ତ, ବୟନ ଆଉ ହସ୍ତଶିଳ୍ପ ଆଉର୍ ଅବକାରୀ ଆୟୁକ୍ତ ଗୁହା ପୁନମ୍ ତାପସ୍ କୁମାର୍ ସୁବର୍ଣ୍ଣପୁର୍ ଜିଲ୍ଲା ଗସ୍ତଥି ଆସିକରି ଜିଲ୍ଲା ନ କାର୍ଯ୍ୟକାରୀ ହେଉଥିବା ଭିନ୍

ଭିନ୍ ଉନ୍ନୟନ୍‌ମୂଳକ୍ ଆଉ ଲୋକାଭିମୁଖୀ ଯୋଜ୍‌ନା ମାନ୍‌କର୍ ସଫଲ୍ କାର୍ଯ୍ୟକାରିତାର୍ କ୍ଷେତ୍ର ପରିଦର୍ଶନ୍ କରିଛନ୍ । ସ୍ଥାନୀୟ ସାର୍କିଟ୍ ହାଉସ୍ ଠାନେ ଭିନ୍ ଭିନ୍ ବିଭାଗ୍‌ର କାର୍ଯ୍ୟକ୍ରମ୍‌ର ସମୀକ୍ଷା କରିଥିଲେ । ଇ ଅବ୍‌ସରେ ହେଇଥିବା ବୈଠକ୍‌ଥି ଜିଲ୍ଲାପାଲ୍ ଅନ୍ୟା ଦାସ ଆଉ ଭିନ୍ ଭିନ୍ ଅଧିକାରୀମାନେ ଯୋଗ୍ ଦେଇଥିଲେ ।

ନୌକା ଚାଲନା ପ୍ରତିଯୋଗିତା ସମ୍ବଲପୁର ସମ୍ବାଦଦାତା

ସମ୍ବଲ୍‌ପୁର୍‌ର ଅଯୋଧ୍ୟା ଘାଟ୍ ଠାନେ ୩ ନମ୍ବର୍ ସ୍ୱର୍ଗତ ମୀନକେତନ୍ ଦେହେରୀ ରାଜ୍ୟସ୍ତରୀୟ ନୌକା ଚାଲନା ପ୍ରତିଯୋଗିତା ହେଇଯାଇଛେ । ପ୍ରତିଯୋଗିତା ୩ ଟା ଖେପେ ହେଇଥିଲା ଆଉ ୯୦ ନୁଁ ଅଏତ୍‌କା ପ୍ରତିଯୋଗୀ ଇଥି ଭାଗ୍ ନେଇଥିଲେ । କାର୍ଯ୍ୟକ୍ରମ୍‌ଥି ଉତରାଂଚଲ୍ ଆଇଜି ହିମାଂଶୁ ଲାଲ୍, ଜିଲ୍ଲାପାଲ୍ ସିଦ୍ଧେଶ୍ୱର୍ ବଳିରାମ୍ ବୋନ୍ଦର୍, ଆରକ୍ଷୀ ଅଧିକ୍ଷକ ମୁକେଶ୍ ଭାମୁ ପ୍ରମୁଖ ଯୋଗ୍ ଦେଇକରି ବିଜେତାମାନ୍‌କୁ ପୁରସ୍କୃତ୍ କରିଥିଲେ ।

ପୁରୀ ରଥଦଉଡ଼ି ପୁରୀ ସମ୍ବାଦଦାତା

ଶ୍ରୀ କ୍ଷେତ୍ର ପୁରୀ ନ ଅଖିତୃତୀୟା ଆଘୋନୁ ନନ୍ଦି ଆଉ ଭଦ୍ରା ଡଙ୍ଗାକେ ମରାମତି କରାଯାଇକରି ସବୁ ପ୍ରସ୍ତୁତି ଶେଷ୍ କରାଯିବା ଶ୍ରୀମନ୍ଦିର୍ ପ୍ରଶାସନ୍ ତର୍ଫୁ କୁହାଯାଇଛେ । ଆଏଜ୍ ଚୈତ୍ପୁନି ତିଥି ନ ନରେନ୍ଦ୍ର ପୁଷ୍କରିଣୀ ନୁ ନନ୍ଦା ଆଉ ଭଦ୍ରା ଡଙ୍ଗାକେ ମରାମତି ଲାଗି ଭୋଇ ସେବକମାନେ ବାହାର କରିଛନ୍ । ସେଆଡ଼େ ଆଏବା ରଥଯାତ୍ରା ଲାଗି ଆଏଜ୍ ପୁରୀ କେ ରଥଦଉଡ଼ି ପୁହୁଁଚିଛେ । ଇ ବଛର୍ ରଥଯାତ୍ରା ଲାଗି ୧୪ ଟା ଦଉଡ଼ି ସହେତେ ୧୨ ଟା ଘେର ଦଉଡ଼ି ଆସିଛେ । ରାଜ୍ୟ କତା ନିଗମ୍ ତର୍ଫୁ ଇସବୁ ଦଉଡ଼ି ଶ୍ରୀମନ୍ଦିର୍ ପ୍ରଶାସନ୍‌କେ ଯୁଗେଇ ଦିଆଯାଇଛେ ବଲି ଜନାପଡ଼ିଛେ ।

ଦେବୀ ସମଲେଇ- ଜଲ୍‌ଶେୟୀ ବର୍ଗଡ଼୍ ସମ୍ବାଦଦାତା

ବର୍ଗଡ଼୍ ଜିଲ୍ଲା ନ ଆଏଜ୍ ଦେବୀ ସମ୍‌ଲେଇଙ୍କର୍ ପୀଠ ନ ଜଲ୍‌ଶେୟୀ ଉତ୍ସବ୍ ହେଇଯାଇଛେ । ଆଏଜ୍ ପହପହନୁ ଶ୍ରଦ୍ଧାଲୁମାନେ ପାଏନ୍ ଆନିକରି ଦେବୀଙ୍କର୍ ଉପ୍‌ରେ ଢାଲିଥିଲେ । ମା ସମଲେଇ ପାଏନ୍‌ଥି ପୂର୍ଣ୍ଣ ହେବାର୍ ଉତ୍‌ରୁ ସ୍ୱତନ୍ତ୍ର ପୂଜା ଉପଚାର୍ କରାଯାଇଥିଲା । ଇ ଅବ୍‌ସରେ ମା

ଙ୍କର୍ ଠାନେ ୫୬ ପ୍ରକାର୍ ଭୋଗ ଲଗା ହେଇକରି ଭକ୍ତମାନ୍‌କୁ ବଂଟାୟାଇଥିଲା ।

ପାଣିପାଗ ଆର୍‌ଏନ୍‌ୟୁ/ ସମ୍ବଲପୁର

କାଲ୍‌ବୈଶାଖୀର୍ ବଲେ ରାଜ୍ୟର୍ ଭିନ୍ ଭିନ୍ ଜାଗା ନ ଧୁକାଗର୍ଡ଼ି ସାଙ୍ଗେ ବର୍ଷା ହେଇୟାଇଛେ । ଆଏବା କାଏଲ୍ ୧୩ ଟା ଜିଲ୍ଲା ନ ଧୁକାଗର୍ଡ଼ି ସାଙ୍ଗେ ବର୍ଷା ହେବା ବଲି ଭୁବ୍‌ନେଶ୍ୱର୍ ଆଂଚଲିକ୍ ପାଣିପାଗ୍ ବିଜ୍ଞାନ୍ କେନ୍ଦ୍ର ତର୍‌ଫୁ ସତର୍କ ସୂଚ୍‌ନା ଜାରି କରାୟାଇଛେ । ଆଏବା ୨୪ ଘଂଟା ଭିତ୍‌ରେ ମାଲ୍‌କାନ୍‌ଗିରି, କୋରାପୁଟ୍, ରାୟଗଡ଼ା, କନ୍ଧମାଲ୍, ଗଜପତି ଆର୍ ଗଞ୍ଜାମ୍ ଜିଲ୍ଲା ନ ୫୦ ନୁ ୬୦ କିଲୋମିଟର୍ ବେଗଥି ପବନ୍ ବୁହିବାର୍ ସହେତେ ଚଡ଼କ୍ ମାରିପାରେ ବଲି ସତର୍କ ସୂଚ୍‌ନା ଜାରି କରାୟାଇଛେ । ଝାର୍‌ସୁଗୁଡ଼ା ନ ରାଜ୍ୟର୍ ସବୁନୁ ଅଏତ୍‌କା ତାପମାତ୍ରା ୪୧ ଦଶ୍‌ମିକ୍ ୬ ଡିଗ୍ରୀ ସେଲ୍‌ସିଅସ୍ ରେକର୍ଡ଼ କରାୟାଇଛେ । ବୌଦ୍ଧ, ବଲାଙ୍ଗିର୍, ଝାର୍‌ସୁଗୁଡ଼ା, ପାରଲାଖେମୁଣ୍ଡି, ସୁବର୍ଣ୍ଣପୁର୍‌ର ଆଝିର୍ ଦିନର୍ ତାପମାତ୍ରା ୪୦ ଡିଗ୍ରୀନୁ ଅଏତ୍‌କା ଥିଲା ।